**ସାରଳାଦେବୀଙ୍କ ବନ୍ଦନା**

ଜମ୍ବୁଦ୍ୱୀପ ଭ୍ରଥଖଣ୍ଡ ଓଡରାଷ୍ଟ୍ର ମଣ୍ଡଳରେ
ଉତ୍ପଳେଶ୍ୱର ଲିଙ୍ଗ ଚିତ୍ରଉତ୍ପଳା ଦକ୍ଷିଣ କୂଳରେ ।୧ ।
ଜୟନ୍ତାର ନିଜ ଭୂମି ଯାଜନଗ୍ର ନିକଟେ ଦକ୍ଷିଣ ବାଣରାସି (ଯାଜପୁର)
କୁଶସ୍ଥଳୀ ଭୂମି ଦ୍ୱାରିକା ଯେ କ୍ଷେତ୍ର ପୁଣ୍ୟବାସୀ ।୨ ।
ଶ୍ରୀ ଯମେଶ୍ୱର ମହାଲିଙ୍ଗ ମଉଦଧିର ଉତ୍ତର ତଟେ
ନୀଳ ସୁନ୍ଦର ପର୍ବତ ନୀଳ କଳ୍ପବଟେ ।୩ ।
ବିଜୟେ ରାମକୃଷ୍ଣ ସୁଭଦ୍ରା ନାମେ ବ୍ରହ୍ମା
ଚାରିଶତ ବତିଶ ସହସ୍ର ବରଷକୁ ଯୋଗଲୟେ ମହାତମା ।୪ । (ସଂଖ୍ୟା)
କଳିକାଳ ଧ୍ୱଂସିଣ ଭୋଗେଣ କୋଟି ପୂଜା (ସଂଖ୍ୟା)
ପ୍ରଳମ୍ବିତେ ଖଟଇଂ ଶ୍ରୀ କପିଳେଶ୍ୱର ମହାରଜା ।୫ । (କପିଳେନ୍ଦ୍ର)
ସେ ନୀଳ ସୁନ୍ଦର ଗିରି ଉତ୍ତର କଛାଡେ
ସାର ଭୂମି ଭ୍ରଥଖଣ୍ଡ ପୂର୍ବଦିଗ ଇଶାନ୍ୟର ଆଡେ ।୬ ।
ଚନ୍ଦ୍ରଭାଗା ନାମେଣ ୟେକଇ ନଦୀ ଗୋଟି
ବୃଦ୍ଧମାତାଙ୍କ ପାରୁଶେ ମଉଦଧିରେ ଯାଇଂ ଫୁଟି ।୭ ।

------------------------

୨୯ ।୧ ତୁଳସୀର ବଲ୍ଲଭ ଚରଣେ ମୋର ଆଶ
୨୯ ପଦପରେ କେତେକ ପୋଥିରେ ଅଧିକା ପାଠ -
ଜୟତୁ ସ୍ୱାମୀ ଜଗତ ମୋହନ ବାସୁଦେବ
ଭଗତ ଜନେ ସଦୟ ନାଥ ସ୍ୱର୍ଗ ସୁର ଦେବ ।
୪ ।୨ ଚାରିଶତ ବତିଶ ସହସ୍ର ବରଷକୁ ବଉଦ ରୂପେ ମହାତମା । (ସଂଖ୍ୟା)
୭ ।୨ ବୃଦ୍ଧମାତା ଗଙ୍ଗାଉଂ ସେ ମଉଦଧିରେ ଫୁଟି (ପା)
୨ ।୧ ବାଣରାସି- ବାରାଣସୀ- କାଶୀ ।
୪ ।୧ ରାମ- ବଳରାମ-ଶିଷ୍ୟ, କୃଷ୍ଣ- ଜଗନ୍ନାଥ- ଭଗବାନ୍, ସୁଭଦ୍ରା-ବ୍ରହ୍ମା-ଗୁରୁ ।
୬ ।୧ କକ୍ଷାଡେ, କଛାଡେ, ଉତ୍ତର କଇଛାଡେ, ଉତ୍ତର ବାଡେ=ପାର୍ଶ୍ୱରେ ।

ସେ ନଦୀର ତୀରେ ପ୍ରଶୁରାମ ଘାଟଇଂ
କନକାବତୀ ନାମେ ପାଟଣା ପ୍ରକାଶଇ ।୮ ।
ତହିଂର ସନ୍ନିଧ୍ୟେ ସାରୋଳ ନାମେ ଗ୍ରାମେ
ବିଜେ ମାହେଶ୍ୱରୀ ସାରୋଳ ଚଣ୍ଡୀ ନାମେ ।୯ ।
ମହାଯୋଗେଶ୍ୱରୀ ସେ ପରମ ବଇଷ୍ଣବୀ
ପ୍ରତକ୍ଷେ ବର ଦିଅଇ ସେ ପରମ ସାଧବୀ ।୧୦ ।
ବାଞ୍ଛା ସାର୍ଥକ ସେ ଦେବୀର ଅଟଇ
ପାଷାଣ ହୋଇକରି ବାଞ୍ଛା ତାହାର ଫୁଟଇ ।୧୧ ।
ସର୍ବମଙ୍ଗଳା ରୂପ ମାତାଙ୍ଗୀ ମତ୍ତଭୋଳୀ
ଗ୍ରନ୍ଥ ଅର୍ଥ ଶୁଣଇଂ ସେ ହରଷେ କୁତୋହଳୀ ।୧୨ ।
ଶ୍ରୀ ସାରୋଳା ଚଣ୍ଡୀ ନାମେ ସେ ଅଟଇ ମହାଦେବୀ
ତାହାଙ୍କର ପୁତ୍ର ମୁଂ ଯେ ସାରୋଳ ଦାସ କବି ।୧୩ । (ବଂଶ)
ପ୍ରସନ୍ନେଣ ଆଜ୍ଞ୍ୟାଂ ମୋତେ ଦିଲେ ଶାକାମ୍ବରୀ
ଲଭ ତୁ କପିଳାସ ଶ୍ରୀ ମହାଭାରଥ କରି ।୧୪ ।
ଶୁଣି ବୁଧଜନେ ନ ଧର ଆନ ଚିତ୍ତ
ଜନ୍ମେଣ ମୁରୁଖ ମୁହିଂ ନୋହଇ ପଣ୍ଡିତ ।୧୫ ।
ୟେକ ଲୟେ କରିଣ ଶୁଣସି ସାବଧାନେ

ଫିଟିବାକ ପାତକ ସବୁ ଦୁଷ୍କୃତମାନେ ।୧୬-୪୫ ।